# କ୍ଷୟକ୍ଷତି ଆକଳନରେ ନିରପେକ୍ଷତା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭଦ୍ରକ, (ରାମନାରାୟଣ ମହାନ୍ତି) :** ବାତ୍ୟା 'ଦାନା' ଯୋଗୁଁ ଅଧିକ ପ୍ରଭାବିତ ହୋଇଥିବା ଭଦ୍ରକ ଜିଲ୍ଲାର କ୍ଷୟକ୍ଷତି ଆକଳନ ତଥା ବାତ୍ୟା ପରବର୍ତ୍ତୀ ବର୍ଷା ଦ୍ୱାରା ସୃଷ୍ଟ ଜଳମଗ୍ନ ଓ ବନ୍ୟା ଜନିତ ପରିସ୍ଥିତି ର ସୁଧାର ପାଇଁ ପ୍ରଶାସନିକ ପରିଚାଳନାକୁ ସମୀକ୍ଷା କରିଛନ୍ତି ଉଚ୍ଚଶିକ୍ଷା, ଯୁବ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଜିଲ୍ଲାପାଳ ଦିଲୀପ ରାଉତରାଏ, ବାତ୍ୟା ପାଇଁ ଜିଲ୍ଲାର ପର୍ଯ୍ୟବେକ୍ଷକ ଥିବା ଇପିକଲର ପରିଚାଳନା ନିର୍ଦ୍ଦେଶକ ଆଇ.ଏ.ଏସ୍. ଅଧିକାରୀ ଭୂପିନ୍ଦର ସିଂ ପୁନିଆ, ପ୍ରମୁଖ ମଧ ଏହି ସମୀକ୍ଷାରେ ଉପସ୍ଥିତ ରହି ମତାମତ ରଖିଥିଲେ। କ୍ଷୟକ୍ଷତି ଆକଳନରେ କୌଣସି ଜାତି, ଧର୍ମ, ବର୍ଣ୍ଣ, ଦଳକୁ ଗୁରୁତ୍ୱ ନ ଦେଇ ଗରିବ ଓ ପୀଡ଼ିତଙ୍କ ପ୍ରତିନ୍ୟାୟ ପ୍ରଦାନ ଦିଗରେ ଯତ୍ନବାନ୍ ହେବାକୁ ସଂପୃକ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଆବଶ୍ୟକ ମତେ ଆଶ୍ରୟ ସ୍ଥଳୀରେ ରହିଥିବା ଲୋକ ଏବଂ ବାତ୍ୟା ପରବର୍ତ୍ତୀ ବର୍ଷାଦ୍ୱାରା ସୃଷ୍ଟ ଜଳମଗ୍ନ ବା ବନ୍ୟା ଯୋଗୁଁ ଜଳବନ୍ଦୀ ଥିବା ଅଞ୍ଚଳର ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନଜାରି ରଖିବାକୁ ବି.ଡ଼ି.ଓ. ଓ ତହସିଲଦାର ମାନଙ୍କୁ କୁହାଯାଇଛି। ସୂଚନା ଯୋଗ୍ୟକି ୨୭ ତାରିଖ ରବିବାର ସୁଦ୍ଧା



ଆଶ୍ରୟ ସ୍ଥଳୀରେ ସମୁଦାୟ ୨୫,୭୦୯ ଜଣ ଲୋକ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଜାରି ରହିଥିବା ବର୍ଷା ଯୋଗୁଁ ସମ୍ଭାବ୍ୟ ଜଳମଗ୍ନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶୂନ ମୃତ୍ୟୁ ଆଭିମୁଖ୍ୟରେ ବିପଦ ସଙ୍କୁଳ ଓ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବାତ୍ୟା ପୂର୍ବ ଓ ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ସହିତ ସମସ୍ତଙ୍କ ସହଯୋଗରେ ସଫଳ ମୁକାବିଲା ହୋଇଥିବା, କୌଣସି ଧନଜୀବନ ହାନି ନ ହୋଇଥିବା ନେଇ ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ। ୭୦ ହଜାର ହେକ୍ଟରରୁ ଅଧିକ ଚାଷଜମି ପ୍ରଭାବିତ ହୋଇଥିବା ସୂଚନା ଦେଇଥିଲେ। ଜିଲ୍ଲାର ୨୧୮ ଟି ପଞ୍ଚାୟତକୁ ରାସ୍ତା ପରିଷ୍କାର ହୋଇଥିବା ୧୯୧ ଟି ଜି.ପି. ବିଦ୍ୟୁତ କ୍ଷତି ଜନିତ ପୁନଃ ଉଦ୍ଧାର, ୨୧୨ ଟି ଜି.ପି.କୁ ପାନୀୟ ଜଳ ପୂର୍ବବତ୍ ଯୋଗାଣ କରାଯାଉଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସେ ସୂଚନା ଦେଇଛନ୍ତି। ସାମୂହିକ ବା ବ୍ୟକ୍ତିଗତ କ୍ଷୟକ୍ଷତି ଆକଳନ ତ୍ୱରିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ସାଳନ୍ଦୀ, ନାଳିଆ, ଯଅ, ରେବ, କପାଳି ନଦୀରେ ପାଣି ଆସିବା ଯୋଗୁଁ ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଭଦ୍ରକ ବ୍ଲକର ଅନେକ ଅଞ୍ଚଳ ବୁଡ଼ି ପ୍ରଭାବିତ ହୋଇଥିବାରୁ ସରକାରୀ ସାହାଯ୍ୟ ପ୍ରଦାନ ଅବ୍ୟାହତ ରହିଛି।

ପ୍ରଭାବିତ ପ୍ରାଣୀ ସମ୍ପଦ ପାଇଁ ଆଗୁଆ ପ୍ରତି ପଞ୍ଚାୟତକୁ ଗୋଖାଦ୍ୟ ପ୍ରେରଣ କରାଯାଇଥିବା ଓ ବର୍ତ୍ତମାନ ମଧ ତ୍ୱରିତ୍ ଯୋଗାଇବା ପାଇଁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ପ୍ରଦାନ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ବି ବିପଦ ଟଳିନାହିଁ। ଶେଷ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ ସହ ମୁକାବିଲାରେ ସଫଳତା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ବନ୍ୟା ଓ ଜଳମଗ୍ନ ଅଞ୍ଚଳରେ, ପାଣିରେ ବୁଡ଼ିଥିବା ପୋଲ ଉପରେ ପିଲା, ବୃଦ୍ଧ ବା ଅନ୍ୟ କେହି ବୁଲାବୁଲି କି ପାଣିସହ ଖେଳିବା, ଅସାବଧାନତା ଅବଲମ୍ବନ କରିବାକୁ ସଚେତନ କରାଇବା ଦିଗରେ ମଧ ସେ ପ୍ରାଧାନ୍ୟ ଦେଇଥିଲେ। କାରଣ ଶୂନ ମୃତ୍ୟୁ ଆଭିମୁଖ୍ୟ ହାସଲ ପାଇଁ ଏବେ ବି ଆମ ସମସ୍ତଙ୍କ ଉପରେ ଦାୟିତ୍ୱ ଅଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବାତ୍ୟା ସମୟରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ ପାଇଁ ୨୫ ଟି ମେଡ଼ିକାଲଟିମ୍ ଓ ୭ଟି ପ୍ରାଣୀଚିକିତ୍ସା ଟିମ୍ ମୂତୟନ କରାଯାଇଥିଲା। ଜୁମ୍ ଜରିଆରେ ଅନୁଷ୍ଠିତ ଏହି ବୈଠକ ସହ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଡ଼ି ହୋଇ ଆଲୋଚନାରେ ମତାମତ ରଖିଥିଲେ। ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଉପଜିଲ୍ଲାପାଳ ଝାରସୁଗୁଡ଼ା ସବ୍ୟସାଚୀ ପଣ୍ଡା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତନ୍ମିତା କର ପ୍ରମୁଖ ଓ୍ୱାନ୍ ହଲ୍‌ରେ ଉପସ୍ଥିତ ଥିଲେ।

# ବର୍ଷୀୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଜନ୍ମଦିନ ପାଳିତ

**ବ୍ରହ୍ମପୁର,(ଯୁବମୋର୍ଚ୍ଚା ବ୍ୟୁରୋ) :** ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ କବି, ନାଟ୍ୟକାର ତଥା ନବୀନ ସାହିତ୍ୟ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ୭୭ତମ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ହାରା ଫାଉଣ୍ଡେସନ ତରଫରୁ ନର ନାରାୟଣ ସେବା ବିଭିନ୍ନ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ତ୍ରିପାଠୀଙ୍କ ଦୀର୍ଘ ନିରାମୟ ଜୀବନ ଯାପନ ନିମନ୍ତେ ରାମଚନ୍ଦ୍ରପୁରୁ ସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ଶତାଧିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସନ୍ଧ୍ୟାରେ ଖୋଡ଼ା ସିଂ ବାସୁଦେବ ନଗର ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି, ଶିକ୍ଷାବିତ ଓ ସମାଜସେବୀ ଯୋଗଦେଇ କବି ତ୍ରିପାଠୀଙ୍କ ବହୁମୁଖି ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ କୁଳପତି ମନ୍ମଥ ପାଢ଼ୀ, ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣ କେଶବ ଷଡଙ୍ଗୀ, ଆଲୋଚକ କୁଳମଣି ଓଝା, ପ୍ରଫେସର ବାଉରୀ ବନ୍ଧୁ ସାହୁ, ପ୍ରଫେସର ବିଷ୍ଣୁ ଚୌଧୁରୀ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, କବି ସୁଶାନ୍ତ କର, ବୈଷ୍ଣବ ଦାସ, ଡଃ ଅନନ୍ତ ରାମ କର, ରାଇରଞ୍ଜନ ନନ୍ଦ,



ଦେବାଶିଷ ସ୍ୱାଇଁ, କମାରାଜୁ ମହାରଣା, ଶ୍ୟାମ ପ୍ରସାଦ ମିଶ୍ର, ପ୍ରମୋଦ କୁମାର ପଣ୍ଡା, ବଂଶୀଧର ସେଠୀ, ପ୍ରବଚକ ଶ୍ରୀଧର ଦାସ, ସୁରଞ୍ଜନ ହୋତା, କେ. ସୁମିତା ପାତ୍ର, ମୂରଲୀଧର ନନ୍ଦ, କୁଳମଣି ସାହୁ, ରାଧାଶ୍ୟାମ ପଣ୍ଡା, ମାନସ ରଞ୍ଜନ ତ୍ରିପାଠୀ, ଡ଼ାକ୍ତର ସାଗର ରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପବିତ୍ର ମହରଥା, ସମର୍ଜିତ ମହାନ୍ତି, ନବୀନର ପ୍ରକାଶିକା ମଞ୍ଜୁ ରଥ, ସୁଖେନ୍ଦୁ କୁମାର ଦାସ, ପଣ୍ଡିତ ପ୍ରଶାନ୍ତ ରଥ, ଅଧିବକ୍ତା ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଭଞ୍ଜ ସାହିତ୍ୟ ଗବେଷକ ପାର୍ଥ ସାରଥି, ଡ଼ଃ ଲମ୍ବୋଦର ପାଣିଗ୍ରାହୀ, ମନୋରଞ୍ଜନ ବିଷୋୟୀ, ପ୍ରଶାନ୍ତ ମହାନ୍ତି, ଜ୍ୟୋତ୍ସ୍ନା ରାଣୀ ଦେବୀ, କବି ସୁଶାନ୍ତ ଦାସ, ରାଜ କିଶୋର ଦାସ, ହରି ହର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ରଥ, ପ୍ରଭାକର ପଣ୍ଡା, ମନୋଜ କୁମାର ସାହୁ, ମୁରଲୀ ଧର ନନ୍ଦ, ଲିଙ୍ଗରାଜ ନାହାକ, ଡାକ୍ତର ନଳିନୀ ମହାନ୍ତି, ପଣ୍ଡିତ ଚନ୍ଦ୍ର ମଣି ଦାସ, ମୋହନ ଦାଶ, ଦୁର୍ଗା ମାଧବ ପାଣିଗ୍ରାହୀ, ପବିତ୍ର କୁମାର ନାୟକ, ଶ୍ୟାମ ସୁନ୍ଦର ସାହୁ, ଅଶୋକ କୁମାର ମହାନ୍ତି, କବି ହୃଷୀକେଶ ଦାସ, ସୁଧାଞ୍ଜଳି ମିଶ୍ର, ମିହିର ତ୍ରିପାଠୀ, ସଞ୍ଜୟ କୁମାର ଷଡଙ୍ଗୀ, ଯାମିନି କାନ୍ତ ଦାସ, ବାଳକୃଷ୍ଣ ସାମନ୍ତରା, କମଳ ଲୋଚନ ପଣ୍ଡା, ପଦ୍ମିନୀ ମିଶ୍ର, ରମେଶ ଚନ୍ଦ୍ର ମିଶ୍ର, ହେମାଙ୍ଗ ପ୍ରସାଦ ରାଉଳ, ମମତା ବିଷୋୟୀ, ରାଜେନ୍ଦ୍ର ପଣ୍ଡା, ସିମାଞ୍ଚଳ ହୋତା, ସତ୍ୟବାନ ପଣ୍ଡା, ଗୋପାଳ ରେଡ୍ଡୀ, ଜ୍ୟୋତି ରଞ୍ଜନ ଆଚାରି, କେ. ସନ୍ତୋଷ ପାତ୍ର, ମନୋଜ ଘଡ଼େଇ , ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ, ସୀମାଞ୍ଚଳ ସାହୁ, ରତି କାନ୍ତ ଦାସ, ଚନ୍ଦ୍ର ଶେଖର ସାହୁ, ନୀଳ ମାଧବ ସାହୁ, କୃତିବାସ ବିଶ୍ୱାଳ, ଡ଼ଃ. ପ୍ରଦୀପ୍ତ ସିଂ, ଗୌରୀ ଶଙ୍କର ମିଶ୍ର, ଅମିତାଭ ସାହୁ, ମନୋଜ କୁମାର ରଥ, ବିରୁପାକ୍ଷ ଦାଶ, ବୃନ୍ଦାବନ ସାହୁ, ଅଖିଳ ନାଥ ସାବତ, ଉମାକାନ୍ତ ଚୌଧୁରୀ, ଡ଼ି ଶ୍ରୀ ରାମୁଲୁ, ରମାକାନ୍ତ ମିଶ୍ର, ଉମା ଚରଣ ସାହୁ, ବିଶ୍ୱନାଥ ଜେନା, ଭକ୍ତରାମ ପଣ୍ଡାଙ୍କ ସମେତ ଶତାଧିକ ଗୁଣଗ୍ରାହି ବ୍ୟକ୍ତି କବି ତ୍ରିପାଠୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଦୀର୍ଘ ନିରୋଗ ଜୀବନ କାମନା କରିଥିଲେ।

# କେନାଲ ବନ୍ଧ ରାସ୍ତା ଶୋଚନୀୟ

**ସାଲେପୁର,(ଯୁବମୋର୍ଚ୍ଚା ବ୍ୟୁରୋ) :** ସାଲେପୁର ବ୍ଲକର ବୋଦାମୁଣ୍ଡାଇ ଛକଠାରୁ କେରେଙ୍ଗା ଗ୍ରାମ ଦେଇ ଝରମୁହଁକୁ ସଂଯୋଗ କରୁଥିବା କେନାଲ ବନ୍ଧ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଅଛି । ପିଚୁ ଗୁଡ଼ିକ ନଷ୍ଟ ହୋଇ ଖଣ୍ଡିଆ। ଖାବରା ହୋଇଛି, ରାସ୍ତାରୁ ଗୋଡ଼ି ଉଠି ଯାଇଛି, ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତମାନ ସୃଷ୍ଟି ହୋଇଛି ଯାହାକୁ ନେଇ ସାଧାରଣ ଲୋକ ଏବଂ ଯାନବାହାନ ଚଳାଚଳ ବେଳେ ନାହିଁ ନଥିବା ସମସ୍ୟା ଆସିଛି । ଏହି କେନାଲ ବନ୍ଧ ଦେଇ ଦୈନିକ ଶହ ଶହ ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକେ ଯିବାଆସିବା କରିଥାନ୍ତି । ଗ୍ରାମାଞ୍ଚଳର ଏହି ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ଏହାର ମରାମତି ଜରୁରୀ ଅଟେ । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି ।

# ଶ୍ରୀହୀନ ହୋଇପଡିଛି 'ଯାଯାବର'

**ବୌଦ୍ଧ, (କମ୍ପୁ ଖେଟି):** ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକର ମଥୁରା ପଂଚାୟତ ଅନ୍ତର୍ଗତ ଖଜୁରୀପଡା ନିକଟରେ ୫୭ ନମ୍ବର ଜାତୀୟ ରାଜପଥ କଡରେ ଜନସାଧାରଣଙ୍କ ସୁବିଧା ପାଇଁ ସରକାର ଏକ ସୁବିଧା କେନ୍ଦ୍ର ଯାଯାବର ନିର୍ମାଣ କରିଥିଲେ । ହେଲେ ବର୍ତ୍ତମାନ ପ୍ରାୟ ୯ ମାସ ହେବ ଉକ୍ତ କେନ୍ଦ୍ରଟି ବନ୍ଦ ହୋଇ ପଡିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାଯାବରଟି ବନ୍ଦ ହୋଇ ପଡିବା ଫଳରେ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟି ଥିବା ବେଳେ ସୌନ୍ଦର୍ଯ୍ୟ କରଣ ପାଇଁ ସେଠାରେ ଲାଗିଥିବା ବିଭିନ୍ନ ମୂଲ୍ୟବାନ ଜିନିଷ ସବୁ ଚୋରୀ ହୋଇଯାଇଥିବା ବେଳେ ଅନେକ ଭାଙ୍ଗି ରୁଜି ଯାଇଥିବା ଅଭିଯୋଗ ହେଉଛି । ଯାତ୍ରୀଙ୍କ ସୁବିଧା ପାଇଁ ଏହାର ପରିସରରେ ରେଷ୍ଟୁରାଣ୍ଟ, ମିଶନଶକ୍ତି କାଫେ, ମିନି ପାର୍କ ଆଦି ନିର୍ମାଣ ହୋଇଥିଲା । ଏସବୁ ସତ୍ତ୍ୱେ ଜିଲ୍ଲା ପ୍ରଶାସନର ଅଣଦେଖା କରି ଚାଲିଛି । ଏହି ଯାଯାବର କେନ୍ଦ୍ରଟି ୨୦୨୨ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ଏଠାରେ ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି ଯାଯାବର କେନ୍ଦ୍ରଟି ନିର୍ମାଣ କରାଯାଇଥିଲା । ଏବଂ ପ୍ରଥମେ ଏହାର ଦାୟିତ୍ୱ ମହିଳା ସ୍ୱଂୟ ସହାୟୀକା ଗୋଷ୍ଠୀଙ୍କୁ ଦିଆଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ପ୍ରଶାସନ ଜଣେ ଯୁବ ବ୍ୟବସାୟୀଙ୍କୁ ଡାକି ଏଠାରେ ରେଷ୍ଟୁରାଣ୍ଟ ଚଳାଇବାକୁ ଅନୁମତି ଦେଇଥିଲେ । ରେଷ୍ଟୁରାଣ୍ଟଟି ଖୋଲିବା ପରେ ଏଠାରେ ଭଲ ବ୍ୟବସାୟ ଆରମ୍ଭ ହୋଇଥିଲା । ଏହି ରାସ୍ତାଦେଇ ଯାଉଥିବା ଯାତ୍ରୀମାନେ ଏଠାରେ ରହି ଖାଦ୍ୟ ଖାଇ ଯାଉଥିଲେ । ଫଳରେ ଗହଳି ଚହଳି ଲାଗିରହିଥିଲା । ହେଲେ ପରବର୍ତ୍ତୀ ସମୟରେ ଅନେକ ପ୍ରଶାସନ ଅଧିକାରୀମାନେ ଏଠାକୁ ବୁଲି ବାକୁ ଆସିଥିବା ବେଳେ କିମ୍ବା ଏହି ରାସ୍ତା ଦେଇ ଯାଉଥିବା ସମୟରେ ସେଠାରେ ରହଣି କରି ଲମ୍ବା ଚଉଡା ବିଲ୍ କରି ବାକି କରି ଚାଲିଯାଉଥିଲେ । ପଇସା ଦେବାର ନାଁ ଧରୁନଥିଲେ । କେତେକ ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ଏହା ମାଗଣା ଖିଆ କେନ୍ଦ୍ର ପାଲଟି ଯାଇଥିଲା । ଶେଷରେ ସେ ରେଷ୍ଟୁରାଣ୍ଟ ଛାଡି ଦେଇଥିଲେ । ପରବର୍ତ୍ତି ସମୟରେ ଯେଉଁମାନେ ହାତକୁ ନେଇଛନ୍ତି ପ୍ରଶାସନ ସେମାନଙ୍କୁ ଯେଉଁ ଭଳି ସହଯୋଗ କରିବା କଥା କଲା ନାହିଁ । ଫଳରେ ଏହା ଧିରେ ଧିରେ ବନ୍ଦ ହୋଇଯାଇଥିବା ଜଣାପଡିଛି । ଏହି ଯାଯାବର ନିର୍ମାଣ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଆର୍ଥିକ ଅନୁଦାନ ଦିଆଯାଇଥିଲା । ସେହିପରି ଏହାର ନିକଟରେ ସରକାର ଡବ୍ଲ୍ୟୁଡିସି ନନ୍ଦନ ବନ ପାଇଁ ଯୋଜନା ରଖିଥିବା ବେଳେ ତାହାର ମଧ କାର୍ଯ୍ୟ ଅଧାରେ ରହିଯାଇଛି । ନନ୍ଦନ ବନ ହେଲେ ଯାଯାବର ପର୍ଯ୍ୟଟକ ମାନେ ଏଠାରେ ଗାଡି ପାର୍କିଂ କରିବା ସହିତ ରେଷ୍ଟୁରାଣ୍ଟରେ ସେମାନେ ଭୋକ ମେଣ୍ଟାଇବାରେ ସହାୟକ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏହି ଯାଯାବରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରୟାସ ଚଳାଇଛନ୍ତି । ଏବଂ ବୈଠକ କରି ପ୍ରଶାସନ ପାଖରେ ସେମାନଙ୍କର ଦାବି ଜଣାଇଛନ୍ତି । ହେଲେ ପ୍ରଶାସନ ସେମାନଙ୍କ ଦାବିକୁ ଗୁରୁତ୍ୱର ସହ ଗ୍ରହଣ କରୁନାହିଁ । ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି ।